

ଶିଶୁ କବିତାରେ ଶ୍ରୀଜଗନ୍ନାଥ

ରଘୁନନ୍ଦନ ମହାପାତ୍ର

ଲୀଳାମୟ ଶ୍ରୀଜଗନ୍ନାଥଙ୍କ ଦିବ୍ୟଲୀଳାର କଥା, ବହୁ ଭାବରେ ବିଭିନ୍ନ ଭାଷା ସାହିତ୍ୟରେ ବର୍ଣ୍ଣନା କରାଯାଇଛି । କେତେବେଳେ ତାହା ଧର୍ମଗ୍ରନ୍ଥର ସ୍ୱରୂପ ନେଇଛି ତ, କେତେବେଳେ ତାହା କାବ୍ୟ କବିତାର ସ୍ୱରୂପ ନେଇଛି । ଆମ ଓଡ଼ିଆ ଭାଷା ସାହିତ୍ୟର ଏକ ଆକର୍ଷଣୀୟ ତଥା ସାର୍ବଜନୀନ ବିଭାଗ ଶିଶୁ ସାହିତ୍ୟରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ଯୁଗଯୁଗର ଲୀଳାକୁ ନେଇ ରଚନା କରାଯାଇଛି ଅନେକ କଥା ଓ କବିତା । ଶ୍ରୀଜଗନ୍ନାଥଙ୍କ ବଡ ଦେଉଳ, ବଡ ପତାକା, ବଡ ଦାଣ୍ଡ ଓ ବଡ ରଥ ଇତ୍ୟାଦିକୁ ନେଇ ଶିଶୁକବିତାରେ ସୃଷ୍ଟି କରାଯାଇଛି କବିତାର ମାଳା । ଯେଉଁ ମାଳା, ଶବ୍ଦ ବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରି କବି ଆନନ୍ଦିତ ହୋଇଛି ।

ପରଂବ୍ରହ୍ମ ଶ୍ରୀଜଗନ୍ନାଥ, ତାଙ୍କର ସୃଷ୍ଟିରେ ଆମେ ଅନୁଭବ କରୁ ଅମୃତମୟ ସଂସାର । ମାଟି, ପାଣି, ଆକାଶ, ପବନ, ବୃକ୍ଷଲତା ଓ ଜୀବଜଗତରେ ତାଙ୍କର ଦିବ୍ୟସତ୍ତା ବିଦ୍ୟମାନ । ସେହି ଅମୃତ ଅନୁଭବକୁ ପାଇ ଏକ ଶିଶୁ କବିତାରେ ଉଲ୍ଲେଖ କରିଛନ୍ତି କବି ଏପରି–

''ଆହେ ଦୟାମୟ ବିଶ୍ୱ ବିହାରୀ
ଘେନ ଦୟାବହି ମୋର ଗୁହାରି
ଜଳ ସ୍ଥଳ ବନ ଗିରି ଆକାଶ
ତୁମ ଲୀଳା ସବୁ ଠାରେ ପ୍ରକାଶ''

(କବିତା– ''ଆହେ ଦୟାମୟ ବିଶ୍ୱ ବିହାରୀ'' ଲେଖକ ରାମକୃଷ୍ଣ ନନ୍ଦ)

ଏକ ଶିଶୁ କବିତାରେ ଆଉ ଜଣେ ଶିଶୁ କବି ଉଲ୍ଲେଖ କରିଛନ୍ତି ଏପରି–

'' ତୁମେ ଅଛ ବୋଲି ସୁନ୍ଦର ସକାଳ
ଧରାକୁ ଆସୁଛି ଧାଇଁ
ତୁମେ ପିତାମାତା ଜଗତ କରତା
ପ୍ରଣାମ ଜଗତ ସାଇଁ''

(କବିତା– ତୁମେ ଅଛ ବୋଲି–ଲେଖକ ଗୋଲୋକ ବିହାରୀ ବିଶୋଇ– ଜହ୍ନ ତା'ର ନାଆଁରେ)

ଶ୍ରୀଜଗନ୍ନାଥଙ୍କ ଚରଣରେ ଆପଣାର ସମସ୍ତ ଇଛାକୁ ସମର୍ପି ଦେଇ 'ସଳିତା' ହୋଇ ଜଳି ଆଲୋକ ଦେବାକୁ ଇଛା କରିଛି କବି । ଏପରି ଏକ ସମର୍ପଣ ଭାବର ଶିଶୁକବିତାର କିଛି ଭାବ ଏଠାରେ ଉଲ୍ଲେଖ କରାଯାଇଛି–

''କାଳିଆ ପାଖେ ମୁହିଁ
'ସଳିତା'ଟିଏ ହୋଇ ଜଳିବି
ଜୀବନ ମୋର ଧନ୍ୟ କରିବି
ଶବ୍ଦର ଚକାଡୋଳା
ନାଆଁଟି ମୋର ତୂଳା ।''

(କବିତା– 'ନାଁଟି ମୋର ତୂଳା'–ଲେଖକ ମଂଜୁ ଦାସ–ଇକିଲି ମିକିଲି ଚିକିଲି ଟିକା)

ପ୍ରଭୁଙ୍କୁ ଆମେ କହୁ ବଳିଆର ଭୁଜ । ଭକ୍ତ ମନ ଭିତରେ ଭାବନାରେ ଲୀନ ହୋଇ ଭାବେ ଆହା ଫୁଲଟିଏ ହୋଇ ସେଇ ବଳିଆର ଭୁଜରେ ଝୁଲି ପଡି ଜୀବନକୁ ଧନ୍ୟ ମନେ କରନ୍ତି କି ! ଏପରି ଭାବନାକୁ ନେଇ ଶିଶୁ କବିତାରେ ଉଲ୍ଲେଖ କରାଯାଇଛି, ସେହି ମହାବାହୁଙ୍କ ଉଦ୍ଦେଶ୍ୟରେ–

''ଫୁଲଟିଏ ମୋତେ କର ମହାବାହୁ
ଫୁଲଟିଏ ମୋତେ କର
ତବ ଚରଣରେ ସ୍ଥାନ ଦେବ ମୋତେ
ନ କଲେ ଗଳାର ହାର ।''

(କବିତା- ମହାବାହୁ-ଲେଖକ ବିଜୟ କୁମାର ଦାଶ- ଶାମୁକା- ୨୦୧୧)

ବାସ୍ତବରେ ଶରଧାବାଲିରୁ ସିଂହଦ୍ୱାରର ଦୂରତା ଯାହା ହେଉନା କାହିଁକି, 'ଜୟ ଜଗନ୍ନାଥ' ନାମ ମୁଖରେ ଉଚ୍ଚାରଣ କରି ବଡଦାଣ୍ଡରେ ଆଗେଇ ଗଲେ ବାଟ ଜଣାପଡେନା । ପାଦ ଥକି ପଡେନା, ଶ୍ରୀମନ୍ଦିର ନିକଟ ହୋଇଯାଏ । ଏପରି ଏକ ଭାବନାକୁ ନେଇ ଶିଶୁ କବିତାରେ ଉଲ୍ଲେଖ କରାଯାଇଛି-

''ଶରଧା ବାଲିରୁ ସିଂହ ଦୁଆରକୁ
ଯେତେ ବାଟ ଥାଏ ବାକି
'ଜଗନ୍ନାଥ'ପଦ ମୁଖେ ଧରିଥିଲେ
ପାଦ ପଡେ ନାହିଁ ଥକି ।''

(କବିତା- 'ଚକାଆଖି'-ଲେଖକ ପ୍ରଦୀପ୍ତ କୁମାର ମହାନ୍ତି- ଜଙ୍ଗଲ ରାଜା ବାଘମାମୁ-୨୦୧୧)

ଶ୍ରୀଜଗନ୍ନାଥଙ୍କ ଚକାଆଖିର ଆକର୍ଷଣ ଭକ୍ତର ମନକୁ ଟାଣେ । ସେହି ଗୋଲ ଗୋଲ ଆଖିର ପବିତ୍ର ଅନୁଭବକୁ ମନରେ ଆଣି ପାଦ ନଥିବା ଓ ଅଧା ହାତ ଥିବା ବିଗ୍ରହମାନଙ୍କୁ ଦେଖି ଆତ୍ମହରା ହୋଇଯାଆନ୍ତି ଭକ୍ତ । ସେହି ଭାବଧାରାର ଅମୃତ ଅନୁଭବ ଶିଶୁ କବିଙ୍କ କଲମରେ ପ୍ରକାଶ ପାଇଛି ଏକ ଶିଶୁ କବିତାରେ-

''ଚକା ଚକା ତା'ର ଦୁଇଗୋଟି ଆଖି
କଳାମେଘ ପରି ଦିହ
ପାଦ ନାହିଁ, ହାତ ଦୁଇଗୋଟି ଅଧା
ସଦା ହସ ହସ ମୁହଁ
ସେ'ତ ଏମିତିକା ଦିଅଁ
ଦେଖି ଦେଲେ ତାକୁ ମନ ପରାଣରେ
ଛୁଟେ ଆନନ୍ଦର ସୁଅ ।''

(କବିତା- ''ସେ ତ ଏମିତିକା ଦିଅଁ''-ଲେଖକ- ଦେବେନ୍ଦ୍ର ଚୌଧୁରୀ- ନନ୍ଦନକାନନ, ଜୁଲାଇ,୨୦୦୬)

ଶ୍ରୀଜଗନ୍ନାଥଙ୍କ 'ମହାପ୍ରସାଦ' ପାଇବା ମହାଭାଗ୍ୟ । ସେହି 'ମହାପ୍ରସାଦ'କି ଧନୀ କି ମାନୀ କି ଗରିବ, ଭେଦ ଭାବ ଭୁଲି ଏକାଠି ବସି ଗ୍ରହଣ କରନ୍ତି । ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ଧାର୍ମିକ ପରମ୍ପରାର ଏକ ମହନୀୟ ସନ୍ଦେଶ ମହାପ୍ରସାଦ ସେବା ବହନ କରେ । ଏପରି ଭାବନାକୁ ନେଇ ଶିଶୁ କବିତାରେ ଉଲ୍ଲେଖ କରାଯାଇଛି-

''ବଡ ଦେଉଳ ମହାପ୍ରସାଦ
ଆଉ ବା ଅଛି କାହିଁ
ଧନୀ ଗରିବ ଖାଆନ୍ତି ବସି
ଭେଦ ଭାବଟି ନାହିଁ ।''

(କବିତା-''ମୋ' ଓଡ଼ିଶା-ଲେଖକ-ରବୀନ୍ଦ୍ର ବିଶ୍ୱାଳ- ନନ୍ଦନକାନନ- ମଇ-୨୦୧୧)

ସମସ୍ତେ ଅନୁଭବ କରନ୍ତି ଜଗନ୍ନାଥଙ୍କ ଡୋରି ନଲାଗିଲେ ଶ୍ରୀକ୍ଷେତ୍ରକୁ ଯାଇ ହୁଏନା । ଶ୍ରୀକ୍ଷେତ୍ର ମାଟିରେ ପାଦ ପଡିଗଲେ ବଡ ଦେଉଳର ବାନା ଉପରେ ଆଖି ପଡେ । ଶ୍ରୀଜଗନ୍ନାଥ ପତିତପାବନ ବାନା ଉଡାଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଏପରି ଏକ ଭାବନାକୁ ନେଇ ଶିଶୁ କବିତାରେ ଉଲ୍ଲେଖ କରାଯାଇଛି-

''ପତିତବାନାଟି ଉଡିଲାଣି
ଆସ ଆସ ବୋଲି ଡାକିଲାଣି
ଭକତର ଆଖି ଯାଉଥିଲା ଲାଖି
ସବୁରି ମନକୁ କିଣିଲାଣି ।''

(କବିତା-''କାଳିଆର ଡୋରି ଟାଣିଲାଣି-''ଲେଖକ- ଅରୁଣ ଚନ୍ଦ୍ର ମହାନ୍ତି- ଏ ଘର ଆମର- ସରଗପୁର)

ଭାବରେ ଯୁଗେ ଯୁଗେ ଶ୍ରୀଜଗନ୍ନାଥ ଭକ୍ତର ଅଧୀନ ହୋଇଛନ୍ତି । ତାଙ୍କ ନିକଟରେ ଅଭାବ ନାହିଁ । ଅଛି ଭାବର ଅମୃତ । ମନଖୋଲି ଡାକିଲେ ସେ ଶୁଣନ୍ତି । ଭକ୍ତ ପାଇଁ ଅପେକ୍ଷା କରନ୍ତି । ଆଉ ସେଇ ଅମୃତ ଭକ୍ତକୁ ପ୍ରଦାନ କରନ୍ତି । ଜଗନ୍ନାଥ କଥା କାହାଣୀରେ ଅନେକ ଭକ୍ତଙ୍କର କଥା ରହିଛି । ଏପରି ଭାବଗ୍ରାହୀଙ୍କର ଭାବକୁ ନେଇ 'କାଳିଆ' ପାଇଁ ଶିଶୁ କବିତାରେ ଉଲ୍ଲେଖ କରାଯାଇଛି-

''ଦାସିଆ ବାଉରି ନଡିଆ ଯାଚିଲା
ଶୂନେ ଶୂନେ ତାହା ନେଲା
ଯବନର ପୁଅ ସାଲବେଗ ପାଇଁ

ରଥ ତା' ଅଟକି ଗଲା
ବଳରାମ ଦାସ ପାଇଁ ତା'ର ରଥ
ବଡଦାଣ୍ଡେ ଅଟକିଲା
ଗଜପତି ରାଜା ଭକତ ଡାକରେ
ରଥେ ''କାଳିଆ'' ବସିଲା ।''

(କବିତା-''ଶ୍ରୀକ୍ଷେତ୍ରକୁ ଆସ ଯିବା''-ଲେଖକ-ରଘୁନନ୍ଦନ ମହାପାତ୍ର-ଉତ୍କଳିକା-୧୯୯୮)

ଶ୍ରୀଜଗନ୍ନାଥଙ୍କ ଐତିହାସିକ କାଞ୍ଚି ଅଭିଯାନ ଇତିହାସର ସ୍ମରଣୀୟ ଘଟଣା । ଗଜପତି ରାଜାଙ୍କୁ ଆବଶ୍ୟକୀୟ ସହାୟତା ପାଇଁ ଧଳା ଓ କଳା ଘୋଡାରେ ବସି ପ୍ରଭୁ ବଡଠାକୁର ଓ ଶ୍ରୀଜଗନ୍ନାଥ ସ୍ୱୟଂ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ଥିବାର କିମ୍ବଦନ୍ତୀ ରହିଛି । ଏହି ଘଟଣାକୁ ନେଇ ରଚିତ କବିତାରେ ଉଲ୍ଲେଖ କରାଯାଇଛି-

''କଳାଧଳା ଘୋଡା ଚଢି ବେନିଭାଇ
ଯୁଦ୍ଧ ଅଭିମୁଖେ ଯାଇ
ଶ୍ରୀକ୍ଷେତ୍ରର ରାଜା ପୁରୁଷୋତ୍ତମଙ୍କୁ
କାଞ୍ଚି ଯୁଦ୍ଧେ କଲ ଜୟୀ ।''

(କବିତା- 'ଉତ୍କଳର ପ୍ରଭୁ ଜଗତ ବିଖ୍ୟାତ''- ଲେଖକ-କାଞ୍ଚନ ମିଶ୍ର- ଉତ୍କଳ ପ୍ରସଙ୍ଗ-ଜୁଲାଇ -୨୦୧୧)

ଶ୍ରୀଜଗନ୍ନାଥଙ୍କ ସମସ୍ତ ପର୍ବ ଓ ଯାତ୍ରା ମଧ୍ୟରେ 'ଦୋଳଯାତ୍ରା' ରଙ୍ଗର ପର୍ବ ବିଶେଷ ଆକର୍ଷଣୀୟ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ, ଶ୍ରୀରାଧା ଓ ଗୋପୀମାନଙ୍କ ସହିତ ଖେଳିଥିଲେ ରଙ୍ଗ ଅବିର । ସେହି ସ୍ମୃତିକୁ ସ୍ମରଣ କରି ଶ୍ରୀମନ୍ଦିରରେ ପାଳିତ ହୋଇଆସୁଛି ପବିତ୍ର ଦୋଳପର୍ବ । ଶ୍ରୀରାଧା ଗୋବିନ୍ଦଙ୍କ ଉଦ୍ଦେଶ୍ୟରେ ଦୋଳଯାତ୍ରା ପର୍ବକୁ ନେଇ ଶିଶୁ କବିତାରେ ଉଲ୍ଲେଖ କରାଯାଇଛି-

''ବରଷକ ପରେ ଆସୁଛି ଦୋଳ
ରଙ୍ଗ ଅବିରରେ ଲାଗିବ ଖେଳ
ଆସିଗଲା ପଞ୍ଚୁଦୋଳ
ଶ୍ରୀରାଧା-ଗୋବିନ୍ଦ ବିମାନେ ବୁଲିବେ
ବାଜିବ ମୃଦଙ୍ଗ ତାଳ ।''

(କବିତା-''ଆସୁଛି ଦୋଳ''-ଲେଖକ-ରଘୁନନ୍ଦନ ମହାପାତ୍ର-ପ୍ରଜାତନ୍ତ୍ର ସାପ୍ତାହିକୀ-ମାର୍ଚ୍ଚ୧୨/୧୯୯୫)

ଶ୍ରୀଜଗନ୍ନାଥଙ୍କ ପର୍ବ ଓ ଯାତ୍ରା ମଧ୍ୟରେ ''ଚନ୍ଦନ ଯାତ୍ରା'' ଏକ ବିଶେଷ ଯାତ୍ରା । ଏହି ଏକୋଇଶି ଦିନ ବ୍ୟାପୀ ଯାତ୍ରାରେ ଠାକୁରଙ୍କ ଚଳନ୍ତି ପ୍ରତିମାମାନ ଚାପ ଡଙ୍ଗାରେ ବସି ନରେନ୍ଦ୍ର ପୋଖରୀରେ ଚନ୍ଦନ ଉତ୍ସବ ପାଳନ କରିଥାଆନ୍ତି । ଏହି ବିଶେଷ ଯାତ୍ରାର ଭାବକୁ ଶିଶୁ କବିତାରେ ଉଲ୍ଲେଖ କରାଯାଇଛି-

''ଚନ୍ଦନ ପୋଖରୀ ଉଠଇ ହସି
ଚାପ ଡଙ୍ଗା ହଂସ ଭାସେ
କାଳିଆ ଠାକୁର ଭଉଁରୀ ଖେଳନ୍ତି
ସୁନା ମୁଖି ମୁହଁ ଦିଶେ ।''

(କବିତା- ''ଆସିଛି ଚନ୍ଦନ ଯାତ''- ଲେଖକ-ରଘୁନନ୍ଦନ ମହାପାତ୍ର-ଫଳଝରି-ମଇ/୧୯୯୬)

ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ବିଶ୍ୱପ୍ରସିଦ୍ଧ । ଏହି ଯାତ୍ରାରେ ସ୍ୱୟଂ ଚତୁର୍ଦ୍ଧାମୂର୍ତ୍ତି ତିନିରଥରେ ବିଜେ ହୋଇ ମାଉସୀ ମା' ବା ଗୁଣ୍ଡିଚା ମନ୍ଦିରକୁ ବଡଦାଣ୍ଡରେ ଯାଆନ୍ତି । ରଥ ଉପରେ ବିଜେ ପୂର୍ବରୁ ଠାକୁରଙ୍କ 'ପହଣ୍ଡି ବିଜେ' ଦୃଶ୍ୟ ଅତ୍ୟନ୍ତ ମନଛୁଆଁ ଲାଗେ । ସେହି ଅପୂର୍ବ ଦୃଶ୍ୟକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ବଡଦାଣ୍ଡ ଲୋକାରଣ୍ୟ ହୋଇଉଠେ । ଏକ ଶିଶୁ କବିତାରେ ସେଇ ଅନୁଭବର କଥାକୁ ଉଲ୍ଲେଖ କରାଯାଇଛି-

''ଅଜା ହାତଧରି ବଡ ଦାଣ୍ଡେ ଯିବା
ଗହଳି ଆଡେଇ ଦେଇ
ଜଗାବଳିଆଙ୍କ ପହଣ୍ଡି ଦେଖିବା
ଆଖି ଲାଖିଯିବ ତହିଁ ।''

(କବିତା-''ଆସ ଦେଖିଯିବା ରଥ ଯାତରା''- ଲେଖକ-ରଘୁନନ୍ଦନ ମହାପାତ୍ର - ଫୁଲଝରି- ୧୯୯୭)

ରଥଯାତ୍ରାର ମହନୀୟ ସନ୍ଦେଶ ହେଉଛି ଶ୍ରୀଜଗନ୍ନାଥ ନିଜ ଇଚ୍ଛାରେ ଏହି ଯାତ୍ରା ସୃଷ୍ଟି କରିଛନ୍ତି କେବଳ ବଡଦାଣ୍ଡର ଦୁଃଖୀଦୀନଙ୍କୁ ଦେଖିବା ପାଇଁ । ବଡଦାଣ୍ଡରୁ ତାଙ୍କୁ ଅଗଣିତ ଭକ୍ତ ଦେଖିବାର ସୁଯୋଗ ପାଆନ୍ତି । ଏପରି ଭାବନାରେ ରଚିତ ଶିଶୁ କବିତାରେ ଉଲ୍ଲେଖ କରାଯାଇଛି-

''ଏମିତି ଯାତରା ଜଗତେ ନାହିଁ
ଆପଣା ଜନଙ୍କୁ ଦେଖିବା ପାଇଁ
ଠାକୁର ଆସନ୍ତି ଦାଣ୍ଡକୁ ଧାଇଁ
ଦୀନ ଦୁଃଖୀ କଥା ଶୁଣିବା ପାଇଁ ।''

(କବିତା-''ରଥ ଯାତରା-'' ଲେଖକ- ରଘୁନନ୍ଦନ ମହାପାତ୍ର- ମୀନାବଜାର-୧୯୯୫)

ପବିତ୍ର ରଥଯାତ୍ରାର ବିଶେଷ ଆକର୍ଷଣ ଠାକୁରଙ୍କ ତିନିରଥ । ବଡଦାଣ୍ଡରେ ଥାଇ ସମସ୍ତେ ଇଚ୍ଛା କରନ୍ତି ରଥ ଛୁଇଁବେ ଓ ରଥର ଦଉଡି ହାତ ଲଗାଇ ଭିଡିବେ । ଏପରି ଭାବନାକୁ ଆଣି ଶିଶୁ କବିତାରେ ଉଲ୍ଲେଖ କରାଯାଇଛି ।

''ତିନିରଥେ ତିନି ଠାକୁର ବିଜେରେ
ଯିବାକୁ ଗୁଣ୍ଡିଚା ବାଡିକି
ଲକ୍ଷ ଲକ୍ଷ ଭକ୍ତ ଭୁଲି ଜାତିଭେଦ
ରଥନେବେ ଭିଡି ଭିଡିକି ।''

(କବିତା-''ଆଜିପରା ରଥଯାତରା''-ଲେଖକ- ବୀରେନ୍ଦ୍ର ମହାନ୍ତି- ଶିଶୁ ପ୍ରତିଭା, ଜୁଲାଇ ୨୦୧୧)

ପବିତ୍ର ରଥଯାତ୍ରାର ଆକର୍ଷଣୀୟ ରାଜସେବା ହେଉଛି ଗଜପତି ମହାରାଜାଙ୍କ ରଥ ଛେରା ପହଁରା ସେବା । ରାଜପଦରେ ଥାଇ ରାଜା ଠାକୁରଙ୍କ ରଥକୁ ଝାଡୁପହଁରା କରିଥାନ୍ତି ଆପଣାର ବଡପଣ ଭୁଲି । ଏପରି ସମାନତା ଭାବର ନିଦର୍ଶନ ବିରଳ । ଶିଶୁ କବିତାରେ ଏହି ଭାବର ଉଲ୍ଲେଖ କରାଯାଇଛି-

''ଛେରା ପହଁରାରେ ରାଜାଙ୍କୁ ଦେଖିବା
ହାତେ ସୁନା ଝାଡୁ ଧରି
ବଡପଣ ଭୁଲି ପହଁରା କରିବେ
ବାଜୁଥିବ ଭେରୀ ତୂରୀ ।''

(କବିତା-''ଆସ ଦେଖିଯିବା ରଥ ଯାତରା''-ଲେଖକ- ରଘୁନନ୍ଦନ ମହାପାତ୍ର-ପିଲାଙ୍କ ଧରିତ୍ରୀ-୨୦୦୭)

ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ବର୍ଣ୍ଣନା କରିବା ପାଇଁ ସେହି ସ୍ୱୟଂ ଭାବ ଓ ଶବ୍ଦ ପ୍ରଦାନ କରିଥାନ୍ତି । ଯେତେଯେତେ ଭାବ ଓ ଶବ୍ଦ ସୃଷ୍ଟି ହୁଏ ତାହା କବିତା ହେଉକି, କଥା ହେଉ ତାହା ତାଙ୍କ ନିକଟରେ ସମର୍ପିତ । ଶ୍ରୀଜଗନ୍ନାଥଙ୍କୁ ନେଇ ଶିଶୁ କବିତାରେ ଯେତେଯେତେ ଭାବ ଓ ଶବ୍ଦ ପ୍ରକାଶ ପାଇଛି ତାହା ଶେଷ ଭାବ ନୁହେଁ କି ଶେଷ ଶବ୍ଦ ନୁହେଁ, ଏହା ଶୁଭାରମ୍ଭ ମାତ୍ର ।

ହରଚଣ୍ଡୀ ସାହି,
ପୁରୁଣା ଭୁବନେଶ୍ୱର-୨

ଅନ୍ତିମ ଆଶା

କୃଷ୍ଣଚନ୍ଦ୍ର ରଥ

ନିତି ଦେଖୁଥିବି ତୁମ୍ଭ ପଦ୍ମମୁଖ
ଗରୁଡସ୍ତମ୍ଭ ପାଖରେ
ଆଶ୍ରୟ କରିଛି ତୁମ୍ଭଙ୍କୁ ପ୍ରଭୁ ହେ
ନିରାଶ ନକର ବାରେ ।

ଯେତେ ଦେଖୁଥିଲେ ସୁନ୍ଦର ଦିଶଇ
ମନ ତ ବୁଝଇ ନାହିଁ
ଡାକିଡାକି ପ୍ରଭୁ ଥକି ପଡିଲିଣି
କୃପା ପାଉ ନାହିଁ କାହିଁ
ପହଣ୍ଡି ବେଳରେ ଟାହିଆ ହଲାଇ
ନାଚୁଥିବା ଦୃଶ୍ୟ ଦେଖି
ନୟନରୁ ମୋର ବହି ଯାଏ ଅଶ୍ରୁ
ଦେଖି ତୁମ୍ଭ ଚକାଆଖି ।
ଦର୍ଶନ ମିଳିଥାଉ ରଥ ଉପରୁ
ମୁଁ ପରା ତୁମ୍ଭର ଭକ୍ତ
ମନୋବାଞ୍ଛା ମୋର ପୂରଣ କରିଲେ
ହୋଇବି ଜୀବନ ମୁକ୍ତ
ପରିଣତ ବୟସେ ତୁମ୍ଭେ ଶ୍ରୀହରି
ହୋଇବ ମୋର ଭରସା
ନୀଳାଚଳେ ରହି ଦର୍ଶନ କରିବି
ଏତିକି ଅନ୍ତିମ ଆଶା ।

ଖୁଣ୍ଟିଆ ସାହି, ପୁରୀ